83C2L8

ସେମାନେ ଆମ ଭାଇଭଉଣୀ

ଡ. ପ୍ରତିଭା ରାୟ

କୁଞ୍ଜୁକୁଞ୍ଜିଆ କେତେ ଯେ ପାହାଡ଼ ହାତ ଧରାଧରି ହୋଇ, କାନ୍ଧକୁକାନ୍ଧ ମିଳାଇ ସେମିତି ଠିଆ ହୋଇଛନ୍ତି କେଜାଣି କେତେ କାଳରୁ ! ଆକାଶକୁ ମୁଣ୍ଡଟେକି ପାଚିରୀ ପରି ଠିଆ ହୋଇଥିବା ସେଇ ଉଚ୍ଚାଉଚ୍ଚା ପାହାଡ଼ ଗୁଡ଼ିକର ନାଆଁ ହେଉଛି "ବଣ୍ଡା ପାହାଡ଼" । ସେଇ ପାହାଡ଼ ଉପରେ ସମତଳ ଅଞ୍ଚଳଠାରୁ ବହୁତ ଉଚ୍ଚରେ ବାସ କରନ୍ତି ଆମରି ଭଳି କେତେ ମଣିଷ, ଆଉ କେତେ ଜାତିର ପଶୁପକ୍ଷୀ । ପାହାଡ଼ର ଏତେ ଉଚ୍ଚରେ ଘରଦ୍ୱାର କରି ରହୁଥିଲେ ମଧ୍ୟ ସେଇ ଲୋକମାନେ ଆମଠାରୁ ଭିନ୍ନ ନୁହଁନ୍ତି; କିନ୍ତୁ ସେମାନଙ୍କ ଚାଲିଚଳନ, ପୂଜାପରବ, ବାହାବ୍ରତ ଇତ୍ୟାଦି ଭିନ୍ନ ପ୍ରକାରର । ସେମାନେ ନାଚନ୍ତି, ଗାଆନ୍ତି, ଖେଳନ୍ତି, କେତେ ପ୍ରକାରର ପରବ ପାଳନ୍ତି । ସମତଳ ଅଞ୍ଚଳ ଲୋକେ ସେମାନଙ୍କୁ କହନ୍ତି 'ବଣ୍ଡା' । ଆଗେ ସେମାନେ ଦେହରେ ଖୁବ୍ କମ୍ ଲୁଗାପଟା ପିନ୍ଧୁଥିଲେ । ସେଇଥିପାଇଁ ତାଙ୍କ ସାଙ୍ଗରେ ଏ ବଣ୍ଡା ଶବ୍ଦଟି ଯୋଡ଼ାଯାଇଛି । କିନ୍ତୁ ସେମାନେ ନିଜକୁ କହନ୍ତି 'ରେମୋ' । 'ରେମୋ'ର ଅର୍ଥ ମଣିଷ । କେତେ ସୁନ୍ଦର ଭାବେ ନିଜର ପରିଚୟ ସେମାନେ ଦିଅନ୍ତି । ଏବେ ସେମାନେ ଲୁଗା ପିନ୍ଧିବା ଜାଣିଲେଣି । ହେଲେ ଖୁବ୍ କମ୍ ଲୁଗା ପିନ୍ଧନ୍ତି । ସ୍ତ୍ରୀଲୋକମାନେ ବେକରେ କେତେ ପ୍ରକାର ମାଳି ଝୁଲାଇଥା'ନ୍ତି । ସେମାନେ ସମସ୍ତେ ଆମର ଭାଇଭଉଣୀ । ସେମାନେ ବାସକରନ୍ତି ଆମରି ଓଡ଼ିଶା ପ୍ରଦେଶର ମାଲ୍‌କାନ୍‌ଗିରି ଜିଲ୍ଲାର ବଣ୍ଡା ପାହାଡ଼ରେ ।

ମାଲ୍‌କାନ୍‌ଗିରି ଆମ ଓଡ଼ିଶାର ଗୋଟିଏ ପାହାଡ଼ିଆ ଜିଲ୍ଲା । ରାଜ୍ୟର ଦକ୍ଷିଣ ସୀମାରେ ଏଇଟି ହେଉଛି ଶେଷ ଜିଲ୍ଲା । ଆଗେ ଏହା ଥିଲା କୋରାପୁଟ ଜିଲ୍ଲାରେ । ଏବେ ଅଲଗା ହୋଇଯାଇଛି ।

ଆଗେ ବଣ୍ଡା ପାହାଡ଼ ଉପରକୁ ଯିବାପାଇଁ ରାସ୍ତା ନ ଥିଲା । ଲୋକମାନେ ପାଦରେ ଚଢ଼ିଚଢ଼ି ଉପରକୁ ଉଠୁଥିଲେ । ଏବେ ପାହାଡ଼ କଟାଯାଇ ରାସ୍ତା ତିଆରି ହେଲାଣି । ଗାଡ଼ି ମଟର ଗଲାଣି । ଜିପ୍‌ରେ ବସି ପାହାଡ଼ ଉପରକୁ ଉଠିବାବେଳେ ମନେହେବ ତୁମେ ଯେମିତି ଉଡ଼ାଜାହାଜରେ ବସିଛ । ତଳକୁ ଚାହିଁଲେ ଆଖି ପାଇବ ନାହିଁ । ଭାବିବ ବଣ୍ଡା ଗାଁ ଗୁଡ଼ାକ କ'ଣ ଆକାଶରେ ଝୁଲୁ ଥାଏ କି ? ତୀଖ ପାହାଡ଼ ଉପରକୁ ଉଠିବା ବାଟରେ ଦୁଇପଟେ ଦେଖିବ ବଡ଼ବଡ଼ ଶାଳ, ପିଆଶାଳ, ଶିଶୁ, ଶାଗୁଆନ, ଅର୍ଜୁନ, ସୁମରି, ଚନ୍ଦନ, କଇଁଆ, ଆମ୍ବ, ପଣସ, କଇଥ, ଏମିତି କେତେ ଜାତିର ଗଛ । ଶିଆଳିଲଟା ଗେହ୍ଲାରେ ଲଟେଇ ଯାଇଥିବ ଏ ଗଛରୁ ସେ ଗଛକୁ । ମଣିଷ ହାତର ପାପୁଲି ଭଳି ଚକାଚକା ପତର ମେଲି ତମକୁ କ'ଣ ଯେମିତି ମାଗୁଥିବ । ସେ ବୋଧେ ମଇତର ବସିବା ପାଇଁ ଚାହୁଁଥିବ । ଗଛ କ'ଣ ଆମର ବନ୍ଧୁ ନୁହେଁ ? ତା' ସାଙ୍ଗରେ ମଇତର ବସିଲେ କ୍ଷତି କ'ଣ ?

ପାହାଡ଼କଟା ରାସ୍ତାରେ ଉପରକୁ ଉଠିବାବେଳେ ଭାରି ଭୟ ଲାଗିବ; କିନ୍ତୁ ସେଇ ବଣ ରାଇଜର ଅପୂର୍ବ ଶୋଭା ଦେଖିଲେ ମନରୁ ଭୟ କେଉଁଆଡ଼େ ଉଭେଇ ଯିବ । ସବା ଉପରେ ପହଞ୍ଚିଲେ ଦେଖିବ ଏଠି ସେଠି ପ୍ରାୟ ୩୦ଟି ବଣ୍ଡା ଗାଁ । ଗାଁ ଗୁଡ଼ିକ ଛୋଟଛୋଟ । ପ୍ରତି ଗାଁରେ ଖୁବ୍ ବେଶୀରେ ପଚିଶି ତିରିଶଟି ଲେଖାଁ ଝାଟିମାଟି କାନ୍ଥର ଘର । ସେଗୁଡ଼ିକ ପିରିଘାସରେ ଛପର ହୋଇଛି ।

ବଣ୍ଡା ଭାଇଭଉଣୀମାନେ ଭାରି ସରଳ ଓ ସ୍ନେହୀ । ସେମାନେ ମିଛ କହନ୍ତି ନାହିଁ । ପର ଜିନିଷରେ ଲୋଭ କରନ୍ତି ନାହିଁ। ଆମେ ତାଙ୍କ ସାଙ୍ଗରେ ମିଶି ପାରିଲେ ସେମାନେ ଡାକନ୍ତି 'ମଇତର। ଚାଲ ବଣ୍ଡା ପାହାଡ଼କୁ ଯିବା। ଆମକୁ ଦେଖି ସେମାନେ ବହୁତ ଖୁସି ହେବେ। ଖାଇବାପାଇଁ ବଣର ଫଳମୂଳ ଆଣି ଥୋଇଦେବେ। ସେଠାକୁ ଥରେ ଗଲେ ମନହେବ ନାହିଁ ଫେରିବାକୁ ।

ଏଇ ଦୂରରୁ କ'ଣ ଢୁଂଢୁଂ ଶବ୍ଦ ଶୁଭୁଛି। ରୁମ୍‌ଝୁମ୍ ବାଜା ବାଜୁଛି। ପୁଣି ଶୁଭୁଛି ଢୁଂ-ଢୁଂ-ଢଂ-ଢଂ ଢୁଢୁଙ୍ଗ୍ ଉଢୁଙ୍ଗ୍। ବଣ୍ଡା ଝିଅମାନେ ନାଚୁଛନ୍ତି। ଖୁସିରେ ଗୀତ ଗାଉଛନ୍ତି । ସେ ଗୀତର ସୁର କେତେ ମଧୁର। କ'ଣ ଗୋଟାଏ ପରବ ଚାଲିଛି ପରା। ବଣ୍ଡା ଗାଁରେ ବିଭିନ୍ନପ୍ରକାର ପର୍ବ ପାଳନ କରାଯାଏ। ସେଗୁଡ଼ିକ ହେଉଛି ଦଶରାପରବ, ଦିଆଲିପରବ, ପୁଷପରବ, ମାଘପରବ, ଚଇତିପରବ ଇତ୍ୟାଦି। ପରବ ଦିନରେ ସେମାନେ ଘରଦ୍ୱାର ଲିପି ସଫାସୁତରା କରନ୍ତି। ଏକାଠି ଭୋଜିଭାତ କରି, ନାଚି ଗାଇ ଖୁବ ମଉଜ କରନ୍ତି।

ବଣ୍ଡା ସ୍ତ୍ରୀଲୋକମାନେ ଖୁବ୍ ପରିଶ୍ରମୀ। ଖୁବ୍ ଭୋର୍‌ରୁ ଉଠି କାମକୁ ବାହାରି ଯାଆନ୍ତି। ସେମାନେ ଗାଈ, ଗୋରୁ, ଛେଳି, କୁକୁଡ଼ା, ଘୁଷୁରି ପାଳନ୍ତି। ଧାନ, ମାଣ୍ଡିଆ, କାଙ୍ଗୁ, ଅଳସୀ ଇତ୍ୟାଦି କେତେ ଜାତିର ଫସଲ ଚାଷ କରନ୍ତି। ସେମାନଙ୍କ ଭିତରେ ଖୁବ୍ ଏକତା ଥାଏ। ଗାଁ, ମଝିରେ ଗୋଟିଏ ବଡ଼ ଗଛତଳେ ପଥରର ଚଉତରାଟିଏ ଥାଏ। ତାଆରି ଉପରେ ବସି ଗାଁ'ର ଭଲ ମନ୍ଦ କଥା ଆଲୋଚନା କରନ୍ତି। ନ୍ୟାୟ, ନିଶାପ ବି ହୁଏ।

ବଣ୍ଡା ଲୋକମାନେ ଠାକୁର ଠାକୁରାଣୀଙ୍କୁ ମାନନ୍ତି। ସେମାନେ ନିଜପାଇଁ କେବେ କିଛି ମାଗନ୍ତି ନାହିଁ। ଯାହା ମାଗନ୍ତି ଗାଁର ସମସ୍ତଙ୍କ ପାଇଁ। ଗାଁ ଠାକୁରାଣୀଙ୍କୁ ପୂଜା କଲାବେଳେ କହନ୍ତି, "ମା, ଆମ ଗାଁରୁ ବାଘ, ଭାଲୁ, ସାପ, ରୋଗ ଦୂରେଇ ଯାଉ। ବାପା, ମାଆ, ପିଲାଛୁଆ ଗାଈଗୋରୁ, କୁକୁଡ଼ା, ଛେଳି, ଘୁଷୁରି ସମସ୍ତେ ଭଲରେ ରହନ୍ତୁ। କେହି କଳିଗୋଳ ନ କରୁ। ସମସ୍ତେ ମିଳିମିଶି ଖୁସିରେ ଥାଆନ୍ତୁ।" ସେମାନେ ଜାଣନ୍ତି, ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ। ସମସ୍ତେ ସୁଖରେ ରହିଲେ ହିଁ ଜଣେ ସୁଖରେ ରହିବ। ଶୁଣିଲେ ଖୁସି ହେବ ଯେ, ସେମାନେ ଏବେ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କଲେଣି। ସରକାର ମଧ୍ୟ ସେଥିପାଇଁ କେତେ ପ୍ରକାର ବ୍ୟବସ୍ଥା କରିଦେଲେଣି। ଚାଲ ତାଙ୍କ ସହିତ ମଇତର ବସିବା।



ଶିକ୍ଷକଙ୍କ ପାଇଁ ସୂଚନା

- ପାଠ ଆରମ୍ଭ ପୂର୍ବରୁ ଶିକ୍ଷକ ପ୍ରଥମେ ଓଡ଼ିଶାର ସମତଳଅଞ୍ଚଳ ଓ ପାର୍ବତ୍ୟଅଞ୍ଚଳ ସମ୍ପର୍କରେ ସମ୍ୟକ୍ ଧାରଣା ଦେବେ। ପାଠ ଶେଷରେ ଓଡ଼ିଶାର ଭିନ୍ନଭିନ୍ନ ଆଦିବାସୀ ଜନଜାତିଙ୍କର ନାମ କହିବେ ଏବଂ ସେମାନଙ୍କର ଜୀବନଯାପନ ପ୍ରଣାଳୀ ସମ୍ପର୍କରେ କିଛି ସୂଚନା ଦେବେ।
- ଏହି ବିଷୟଟିକୁ ପଢ଼ାଇ ସାରିବା ପରେ ଆଦିବାସୀମାନଙ୍କର ସରଳତା, ସ୍ୱାଧୀନ ମନୋଭାବ, ସ୍ୱାବଲମ୍ବନଶୀଳତା ସମ୍ପର୍କରେ କହିବେ।
- ଆଜିକାଲି ସରକାର ଆଦିବାସୀମାନଙ୍କର କଲ୍ୟାଣ ନିମିତ୍ତ କି କି କାର୍ଯ୍ୟମାନ କରୁଛନ୍ତି, ସେ ବିଷୟରେ କହିବେ।

ସୂଚନା

କାଙ୍ଗୁ : ଏହା ଗୋଟିଏ ପ୍ରକାର ଶସ୍ୟ। ସୁଜିଭଳି ଏହାର ଦାନାଗୁଡ଼ିକ କ୍ଷୁଦ୍ର କ୍ଷୁଦ୍ର । ଏଥିରେ ପିଠା ଓ କ୍ଷୀରୀ ପ୍ରସ୍ତୁତ କରାଯାଇପାରେ। ଏହାକୁ ଭାତଭଳି ରାନ୍ଧି ଖିଆଯାଏ ।

ଅଳସୀ : ଏକ ପ୍ରକାର ତୈଳବୀଜ। ଏହାର ଫୁଲର ରଙ୍ଗ ସୋରିଷଫୁଲ ଭଳି ହଳଦିଆ ।

ଆସ କେତୋଟି ଶବ୍ଦ ଜାଣିବା

କୁଞ୍ଚୁକୁଞ୍ଚିଆ	ତୀଖ	ଝାଟିମାଟି
ବାହାବ୍ରତ	ପରବ୍	ନିଶାପ
ଚଉତରା	ଚାଲିଚଳନ	ଅପୂର୍ବ

ଅଭ୍ୟାସ

୧. ଆସ କଥାବାର୍ତ୍ତା ହେବା

(କ) 'ପାହାଡ଼ଗୁଡ଼ିକ ହାତ ଧରାଧରି ହୋଇ ଛିଡ଼ା ହୋଇଛନ୍ତି।' ଏଠାରେ 'ହାତ ଧରାଧରି' ର ଅର୍ଥ କ'ଣ ?

(ଖ) କେଉଁମାନଙ୍କୁ 'ରେମୋ' ବୋଲି କୁହାଯାଏ ?

(ଗ) ବଣ୍ଡା ଲୋକମାନେ ଓଡ଼ିଶାର କେଉଁ ଜିଲ୍ଲାରେ ବାସକରନ୍ତି ?

(ଘ) ମାଲକାନ୍‌ଗିରି ଜଙ୍ଗଲରେ କେଉଁସବୁ ଗଛ ଦେଖାଯାଏ ?

(ଙ) ବଣ୍ଡା ଲୋକଙ୍କର ଘରଗୁଡ଼ିକ କିପରି ?

(ଚ) ବଣ୍ଡାମାନେ କେଉଁ କେଉଁ ପରବ ପାଳନ୍ତି ?

(ଛ) ଏ ବିଷୟଟି କିଏ ଲେଖିଛନ୍ତି ?

୨. ବିଷୟଟିକୁ ପଢ଼ି ଉତ୍ତର ଲେଖିବା ।

(କ) 'ବଣ୍ଡା ପାହାଡ଼'ରେ ପାହାଡ଼ଗୁଡ଼ିକ କିପରି ଛିଡ଼ା ହୋଇଥିବା ଭଳି ଦିଶନ୍ତି ?

....

....

....

(ଖ) ସେମାନଙ୍କୁ ଆମେ ଆମର ଭାଇଭଉଣୀ ବୋଲି କାହିଁକି କହିବା ?

....

....

....

(ଗ) "ସେଠାକୁ ଗଲେ ଆଉ ଫେରିବାକୁ ଇଚ୍ଛା ହେବ ନାହିଁ" କାହିଁକି ?

....

....

....

(ଘ) ବଣ୍ଡା ସ୍ତ୍ରୀଲୋକମାନେ ଖୁବ୍ ପରିଶ୍ରମୀ ବୋଲି କିପରି ଜଣାପଡ଼େ ?

....

....

....

(ଙ) ସେମାନେ ଠାକୁରାଣୀଙ୍କୁ ପୂଜା କଲାବେଳେ କଣ କହିଥାଆନ୍ତି ?

....

....

....

୩. ସରଳ ଭାଷାରେ ବୁଝାଇ ଲେଖିବା ।

(କ) ଜଣକର ସୁଖରେ ସମସ୍ତଙ୍କର ସୁଖ ନୁହେଁ ।

....

....

....

(ଖ) ମଣିଷ ହାତର ପାପୁଲି ଭଳି ଚକାଚକା ପତର ମେଲି ତୁମକୁ କ'ଣ ଯେମିତି ମାଗୁଥିବ ! ସେ ବୋଧେ ମଇତର୍ ବସିବା ପାଇଁ ଚାହୁଁଥିବ ।

....

....

....

୪. 'କ' ସ୍ତମ୍ଭର ଶବ୍ଦ ସହିତ 'ଖ' ସ୍ତମ୍ଭର ସଂପର୍କିତ ଶବ୍ଦକୁ ମିଶାଇ ନୂଆ ଶବ୍ଦ ଗଢ଼ିବା ।

'କ'	'ଖ'
କୁଞ୍ଚୁକୁଞ୍ଚିଆ	ପତର ....
	ପାହାଡ଼.........................
ଅଙ୍କାବଙ୍କା	କଥା ....
ଚକାଚକା	ଘର............................
ଝାଟିମାଟି	ଘାସ............................
ଭଲମନ୍ଦ	ରାସ୍ତା............................

୫. ଡାହାଣ ପାଖ ପାତ୍ରଟିରୁ ଶବ୍ଦ ଆଣି ବାଁ ପାଖରେ ଥିବା ଶବ୍ଦ ସହିତ ମିଶାଇ ଯୋଡ଼ି ଶବ୍ଦ ତିଆରି କରିବା ।

ପୂଜା ....
ଯାନି ....
ଘର ....
ବାଟ ....
ଭୋଜି ....
ଭାଇ ....
ଝାଟି ....



୬. ବଣ୍ଡା ଲୋକଙ୍କ ବିଷୟରେ ତଳେ କେତୋଟି କଥା କୁହାଯାଇଛି । ଠିକ୍ କଥାଟି ପାଖରେ ଠିକ୍ ଚିହ୍ନ (✔) ଓ ଭୁଲ୍ କଥା ପାଖରେ ଛକି ଚିହ୍ନ (✕) ଦିଅ ।

(କ) ବଣ୍ଡାମାନେ କୌଣସି ପର୍ବପର୍ବାଣି ପାଳନ କରନ୍ତି ନାହିଁ ।
(ଖ) ବଣ୍ଡାମାନଙ୍କୁ 'ରେମୋ' ବୋଲି କୁହାଯାଏ ।
(ଗ) ବଣ୍ଡା ଭାଇଭଉଣୀମାନେ ଭାରୀ ସରଳ ଓ ସ୍ନେହୀ ।
(ଘ) ବଣ୍ଡା ସ୍ତ୍ରୀଲୋକମାନେ କିଛି କାମ କରନ୍ତି ନାହିଁ ।
(ଙ) ବଣ୍ଡା ଲୋକମାନଙ୍କ ଭିତରେ ଖୁବ୍ ଏକତା ଥାଏ ।
(ଚ) ସେମାନେ କୌଣସି ଠାକୁର ଠାକୁରାଣୀଙ୍କୁ ପୂଜା କରନ୍ତି ନାହିଁ ।

୭. ଆସ ତଳେଥିବା ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟ ଗଠନ କରିବା ।

ସୀମା ....
ନିଶାପ ....
ମଉଜ ....
ଏକତା ....
ଅପୂର୍ବ ....

୮. ତଳ ଅନୁଚ୍ଛେଦର ବାକ୍ୟଗୁଡ଼ିକ ମଧ୍ୟରେ କେଉଁ ସ୍ଥାନରେ କି ଚିହ୍ନ ଲାଗିବ, ତାହା ଲଗାଇବା । ଠିକ୍ ହେଲା କି ନାହିଁ ବହିରେ ଥିବା ପାଠ ସହିତ ମିଳାଇବା ।

ତୀଖ ପାହାଡ଼ ଉପରକୁ ଉଠିବା ବାଟରେ ଦୁଇପଟେ ଦେଖିବ ବଡ଼ ବଡ଼ ଶାଳ ପିଆଶାଳ ଶିଶୁ ସାଗୁଆନ ଚନ୍ଦନ ଏମିତି କେତେ ଜାତିର ଗଛ ଶିଆଳିଲଟା ଗେହ୍ଲାରେ ଲଟେଇ ଯାଇଥିବ ଏ ଗଛରୁ ସେ ଗଛକୁ ମଣିଷ ହାତରେ ପାପୁଲି ଭଳି ଚକାଚକା ପତର ମେଲି ତମକୁ କଣ ଯେମିତି ମାଗୁଥିବସେ ବୋଧେ ମଇତର ବସିବା ପାଇଁ ଋହୁଁଥିବ ଗଛ କଣ ଆମର ବନ୍ଧୁ ନୁହେଁ, ତା ସାଙ୍ଗରେ ମଇତର ବସିଲେ କ୍ଷତି କଅଣ ।

୯. ତଳଲିଖିତ ବାକ୍ୟଗୁଡ଼ିକର ଖାଲି ସ୍ଥାନକୁ ପୂରଣ କରିବା ।

(କ) ମାଲ୍‌କାନ୍‌ଗିରି ଆମ ଓଡ଼ିଶାର .... ।
(ଖ) ଆଗେ ବଣ୍ଡା ପାହାଡ଼ ଉପରକୁ .... ।
(ଗ) ଆମେ ତାଙ୍କ ସାଙ୍ଗରେ ମିଶି ପାରିଲେ .... ।
(ଘ) ଗାଁ ମଝିରେ ଗୋଟିଏ ବଡ଼ ଗଛତଳେ .... ।
(ଙ) ସମସ୍ତେ ସୁଖରେ ରହିଲେ ହିଁ .... ।

୧୦. ବଣ୍ଡା ଭାଇଭଉଣୀମାନଙ୍କର କେଉଁ ଗୁଣଗୁଡ଼ିକ ଆମକୁ ଭଲ ଲାଗିଲା, ତାହା ତଳେ ୫ଟି ବାକ୍ୟରେ ଲେଖିବା ।

....
....
....
....
....
....

ତୁମ ପାଇଁ କାମ

- ତୁମ ଘରେ କି କି ପର୍ବ ପାଳନ କରାଯାଏ ତାର ଏକ ତାଲିକା କର ।
- ଓଡ଼ିଶାର ମାନଚିତ୍ରଟିଏ ସଂଗ୍ରହ କରି ସେଥିରେ କୋରାପୁଟ ଜିଲ୍ଲା ଏବଂ ମାଲ୍‌କାନଗିରି ଜିଲ୍ଲା କେଉଁଠି ଅଛି ତାକୁ ଚିହ୍ନଟ କର ।